ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

# ଚନ୍ଦକାସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହେଲ୍‌ଥ ସାଇନ୍ସରେ ମନ୍ତ୍ରୀ ଅଶୋକ ପଣ୍ଡା: ମାନବସମ୍ବଳ ତାଲିମ ଉପରେ ଗୁରୁତ୍ୱ

ଭୁବନେଶ୍ୱର, ୩୦/୦୮/୨୦୧୯

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ନିମନ୍ତେ ମାନବସମ୍ବଳ ତାଲିମ ଉପରେ ଗୁରୁତ୍ୱପ୍ରଦାନ କରାଯିବା ଆବଶ୍ୟକ । ଗୁଣାତ୍ମକ ପୁନର୍ବାସ ଏବଂ ଭିନ୍ନକ୍ଷମମାନଙ୍କ ଚିକିତ୍ସା ନିମନ୍ତେ ପ୍ରଯତ୍ନ ଦିଗରେ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକ କାର୍ଯ୍ୟକରିବା ଉଚିତ ବୋଲି ବିଜ୍ଞାନ, କାରିଗରୀ, ସାଧାରଣ ଉଦ୍ୟୋଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଶ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ପରାମର୍ଶ ଦେଇଛନ୍ତି । ଆଜି ପୂର୍ବାହ୍ନରେ ଚନ୍ଦକାସ୍ଥିତ 'ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହେଲ୍‌ଥ ସାଇନ୍ସ' ପରିଦର୍ଶନ କରି ମନ୍ତ୍ରୀ ଶ୍ରୀ ପଣ୍ଡା ଏହି ମର୍ମରେ ଭିନ୍ନକ୍ଷମ ପୁନର୍ବାସ ଉପରେ ଗୁରୁତ୍ୱ ଆରୋପ କରିଛନ୍ତି ।

ଚନ୍ଦକାଠାରେ ୧୯୯୯ରେ 'ମାର୍ଗଦର୍ଶୀ' ଅନୁଷ୍ଠାନ ଦ୍ୱାରା ପ୍ରତିଷ୍ଠିତ 'ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହେଲ୍‌ଥ ସାଇନ୍ସ' ଭିନ୍ନକ୍ଷମମାନଙ୍କ ଚିକିତ୍ସା ନିମନ୍ତେ ରାଜ୍ୟ ସରକାରଙ୍କ ଦ୍ୱାରା ରିଫରାଲ୍ ହସ୍‌ପିଟାଲ୍‌ର ମାନ୍ୟତା ପାଇଛି । ସ୍ୱମନପରାୟଣ ଶିଶୁ (ଚିଲ୍‌ଡ୍ରେନ୍ ଉଇଥ୍ ଅଟିଜିମ୍)ମାନଙ୍କର ସ୍ୱତନ୍ତ୍ର ଚିକିତ୍ସା ପଦ୍ଧତି ବାବଦରେ ଅବଗତ ହୋଇ ମନ୍ତ୍ରୀ ଶ୍ରୀ ପଣ୍ଡା ସନ୍ତୋଷ ପ୍ରକାଶ କରିଥିଲେ । ଭିନ୍ନକ୍ଷମମାନଙ୍କ ସମସ୍ୟା ନିରାକରଣ ନିମନ୍ତେ ସଂସ୍ଥାର ଶୋଧ ଓ ଚିକିତ୍ସା ପଦ୍ଧତିରେ ବିକାଶ ପ୍ରଣାଳୀ ବିଶେଷ ଫଳପ୍ରଦ ହୋଇଛି ଓ ଭିନ୍ନକ୍ଷମମାନଙ୍କୁ ସାମାଜିକ ମହାସ୍ରୋତରେ ସାମିଲ କରାଯାଇପାରିଛି ବୋଲି ଅନୁଷ୍ଠାନର ପ୍ରତିଷ୍ଠାତା ପ୍ରଫେସର ସତ୍ୟ ମହାପାତ୍ର ମନ୍ତ୍ରୀଙ୍କୁ ଜଣାଇଥିଲେ । ଏହି ଅନୁଷ୍ଠାନ ଦ୍ୱାରା ଏଯାବତ୍ ୨୦ ହଜାରରୁ ଊର୍ଦ୍ଧ୍ୱ ଭିନ୍ନକ୍ଷମ ଚିକିତ୍ସିତ ହେବା ସହିତ ପ୍ରତିମାସରେ ୧୫ ହଜାର ଘଣ୍ଟାର ମଲ୍‌ଟି ମୋଡାଲ (ବହୁମୁଖୀ) ଥେରାପି ପ୍ରଦାନ କରାଯାଉଛି । ଅନୁଷ୍ଠାନ ଆନୁକୂଲ୍ୟରେ ସ୍ୱେଚ୍ଛାସେବୀ, ସ୍ୱତନ୍ତ୍ର ଶିକ୍ଷାନୁଷ୍ଠାନର ଅଧକ୍ଷ, ଚିକିତ୍ସିକମାନଙ୍କ ପାଇଁ କର୍ମଶାଳା, ଶିକ୍ଷଣ ଓ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରାଯାଉଥିବା ନେଇ ମନ୍ତ୍ରୀ ଶ୍ରୀ ପଣ୍ଡା ଅବଗତ ହୋଇଥିଲେ ।

'ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହେଲ୍‌ଥ ସାଇନ୍ସ'ରେ ଭବିଷ୍ୟତରେ ଆଉ ୫ଟି ନୂଆ ପାଠ୍ୟକ୍ରମ ପ୍ରଚଳନ କରିବା ନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ସେହିପରି ଅନୁଷ୍ଠାନକୁ ଦେଶର ପ୍ରଥମ ପୁନର୍ବାସ ବିଶ୍ୱବିଦ୍ୟାଳୟ ଭାବରେ ଗଢ଼ିତୋଳିବା ପାଇଁ ଚାଲିଥିବା ପ୍ରୟାସକୁ ମନ୍ତ୍ରୀ ଶ୍ରୀ ପଣ୍ଡା ଶୁଭେଚ୍ଛା ଜଣାଇଥିଲେ । ମନ୍ତ୍ରୀଙ୍କ ପରିଦର୍ଶନ କାଳରେ ଅନୁଷ୍ଠାନର କର୍ମକର୍ତ୍ତା ତଥା ଅନ୍ୟମାନେ ଉପସ୍ଥିତ ଥିଲେ ।

ସୂର୍ଯ୍ୟ ମିଶ୍ର
ସୂଚନା ଅଧିକାରୀ